# ଭାରତୀୟ ଜନତା ପାର୍ଟି, ଓଡିଶା

**ରାଜ୍ୟସରକାର ମିଥ୍ୟା ତଥ୍ୟ ଦେଇ ବିଜ୍ଞାପନ ମାଧ୍ୟମରେ ନିଜର ପ୍ରଚାର କରିବା ପ୍ରସଙ୍ଗରେ**

## ମିଥ୍ୟା ତଥ୍ୟର ସୌଦାଗର ବିଜେଡି ସରକାର : ବିଜେପି

- **ରାଜ୍ୟର ମୁଖ୍ୟମନ୍ତ୍ରୀ ଠିକ୍ କହୁଛନ୍ତି କି ତାଙ୍କ ସଚିବ ଠିକ୍ କହୁଛନ୍ତି ତାହା ଆଗ ରାଜ୍ୟସରକାର ସ୍ପଷ୍ଟ କରନ୍ତୁ**
- **୨୦୧୧ ଜନଗଣନା ଅନୁସାରେ ରାଜ୍ୟରେ ୪ କୋଟି ୧୯ ଲକ୍ଷ ଲୋକ ବସବାସ କରୁଥିବାବେଳେ ସାଢେ ୪ କୋଟି ଲୋକଙ୍କ ତଥ୍ୟ ରାଜ୍ୟସରକାର ଆଣିଲେ କେଉଁଠୁ ?**
- **ରାଜ୍ୟସରକାର ବିଜ୍ଞାପନରେ ଦେଇଥିବା ଟୋଲ୍ ଫ୍ରି ନମ୍ବରରେ ବି କୌଣସି ପ୍ରକାରର ସଂଯୋଗ ହୋଇପାରୁନି**
- **ଆଗାମୀ ଦିନରେ ରାଜ୍ୟ ବିଜେପି ଆଇନର ଆଶ୍ରୟ ନେଇ ଅଦାଲତରେ ତଥ୍ୟ ରଖି ରାଜ୍ୟସରକାରଙ୍କୁ କାଠ ଗଡାରେ ଛିଡା କରିବା ସହ ମିଥ୍ୟା ତଥ୍ୟର ପର୍ଦ୍ଦାଫାଶ କରିବ**

**ଭୁବନେଶ୍ୱର, ତା ୨୮/୦୮ :** ମିଥ୍ୟା ତଥ୍ୟ ରଖି ଶାସକ ବିଜେଡି ବଡ ବଡ ବିଜ୍ଞାପନ ମାଧ୍ୟମରେ ନିଜର ଆତ୍ମ ପ୍ରଚାର ଚଲାଇଛି । ପୁଣି ଥରେ ବିଜୁ ପକ୍କା ଘର ଯୋଜନାକୁ ନେଇ ରାଜ୍ୟସରକାର ରାଜ୍ୟବାସୀଙ୍କୁ ବିଭ୍ରାନ୍ତି କରିଛନ୍ତି । ରାଜ୍ୟସରକାର ୨୦୧୪ରୁ ୨୦୧୮ ପର୍ଯ୍ୟନ୍ତ ୧୭ ଲକ୍ଷ କଚା ଘରକୁ ପକ୍କା କରିଥିବା ବିଜ୍ଞାପନ ମାରି ପ୍ରଚାର କରିଥିଲେ । କିନ୍ତୁ ଏହା ସଂପୂର୍ଣ୍ଣ ଭାବେ ମିଥ୍ୟା ତଥ୍ୟ ଉପରେ ଆଧାରିତ ବୋଲି ବିଭାଗୀୟ ସଚିବ ତାଙ୍କ ରିପୋର୍ଟରେ ଦର୍ଶାଇଛନ୍ତି । ତାଙ୍କ ରିପୋର୍ଟ ଅନୁସାରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଏବଂ ଇନ୍ଦିରା ଆବାସ ଯୋଜନାରେ ୧୬ ଲକ୍ଷ ଘର ହୋଇଛି । ସେହିପରି ବିଜୁ ପକ୍କାଘର ଏବଂ ଖଣି ଓ ନିର୍ମାଣ ଶ୍ରମିକ ପକ୍କା ଘର ଯୋଜନାରେ ମୋଟ ୨.୮ ଲକ୍ଷ ଘର ନିର୍ମାଣ ହୋଇଥିବା ତାଙ୍କ ରିପୋର୍ଟରେ ଉଲ୍ଲେଖ ରହିଛି । ଏହି ପରିପ୍ରେକ୍ଷୀରେ ପକ୍କା ଘର ମାମଲାରେ ମିଛ ତଥ୍ୟକୁ ପ୍ରଚାରିତ କରି କେନ୍ଦ୍ର ସରକାରଙ୍କ ଯୋଜନାରେ ନିର୍ମିତ ପକ୍କା ଘରକୁ ରାଜ୍ୟ ସରକାରଙ୍କର ନିଜସ୍ୱ ଯୋଜନା କହି ମିଛ ପ୍ରଚାର କରୁଛନ୍ତି । ଏହି ରିପୋର୍ଟ ଅନୁସାରେ ରାଜ୍ୟର ମୁଖ୍ୟମନ୍ତ୍ରୀ ଠିକ୍ କହୁଛନ୍ତି କି ତାଙ୍କ ସଚିବ ଠିକ୍ କହୁଛନ୍ତି ତାହା ଆଗ ରାଜ୍ୟସରକାର ସ୍ପଷ୍ଟ କରନ୍ତୁ ବୋଲି ଏକ ସାମ୍ବାଦିକ ସମ୍ମିଳନୀରେ ରାଜ୍ୟ ବିଜେପି ମୁଖପାତ୍ର ଶ୍ରୀ ଗୋଲକ ମହାପାତ୍ର ପ୍ରଶ୍ନ କରିଛନ୍ତି ।

ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ଅନୁସାରେ ୭୦ ଲକ୍ଷରୁ ଉର୍ଦ୍ଧ୍ୱ ପରିବାର ଉପକୃତ ହେବେ ବୋଲି ପୂର୍ବରୁ ମୁଖ୍ୟମନ୍ତ୍ରୀ ଏକ ବିଜ୍ଞାପନ ମାଧ୍ୟମରେ ପ୍ରଚାର କରିଥିଲେ । ଆଉ ଏବେ ସାଢେ ୪ କୋଟିରୁ ଉର୍ଦ୍ଧ୍ୱ ଲୋକ ଉପକୃତ ହେବେ ବୋଲି ବିଜ୍ଞାପନ ଦେବା ମଧ୍ୟରୁ କେଉଁଟି ଠିକ୍ ତାହା ଆଗ ମୁଖ୍ୟମନ୍ତ୍ରୀ ସ୍ପଷ୍ଟ କରନ୍ତୁ । ରାଜ୍ୟସରକରାଙ୍କ ୱେବସାଇଟରେ ୨୦୧୧ ଜନଗଣନା ଅନୁସାରେ ରାଜ୍ୟରେ ୪ କୋଟି ୧୯ ଲକ୍ଷ ଲୋକ ବସବାସ କରୁଥିବାବେଳେ ସାଢେ ୪ କୋଟି ଲୋକଙ୍କ ତଥ୍ୟ ସରକାର ଆଣିଲେ କେଉଁଠୁ ବୋଲି ଶ୍ରୀ ମହାପାତ୍ର ପ୍ରଶ୍ନ କରିଛନ୍ତି ।

ରାଜ୍ୟସରକାରଙ୍କ ବିଜ୍ଞାପନ ଅନୁଯାୟୀ ରାଜ୍ୟର ସାଢେ ୪ କୋଟି ଲୋକ ଉପକୃତ ହେବେ ଅର୍ଥାତ୍ ରାଜ୍ୟର ସମସ୍ତ ପରିବାର ଏହି ଯୋଜନା ଅନୁଯାୟୀ ମାଗଣାରେ ସ୍ୱାସ୍ଥ୍ୟ ସେବା ବିଭିନ୍ନ ସରକାରୀ ଚିକିତ୍ସାଳୟରେ ପାଇବେ । ବିଧାନସଭା ଗୃହରେ ସ୍ୱାସ୍ଥ୍ୟସେବା ସମ୍ବନ୍ଧୀୟଏକ ପ୍ରଶ୍ନରେ ରାଜ୍ୟସରକାର ଉତର ଦେଇଥିଲେ କି, ରାଜ୍ୟରେ ୧୧୨ ଟି ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରେ ବିଦ୍ୟୁତ ସଂଯୋଗ ନାହିଁ । ୧୨୩୯ଟି ଉପକେନ୍ଦ୍ରର ନିଜସ୍ୱ ଘର ନାହିଁ । ରାଜ୍ୟରେ ୮୭% ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ବିଶେଷଜ୍ଞ ନାହାନ୍ତି ଏବଂ ୫୭% ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ନିୟମିତ ଡାକ୍ତର ନାହାନ୍ତି । ରାଜ୍ୟର ୨୫% ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରେ ସ୍ୱାସ୍ଥ୍ୟ ସହାୟକ ପଦବୀ ଖାଲି ପଡିଛି । ୪୬୮୨ଟି ମଂଜୁରୀପ୍ରାପ୍ତ ଡାକ୍ତର ପଦବୀ ମଧ୍ୟରୁ ୧୦୧୬ଟି ପଦବୀ ଏପର୍ଯ୍ୟନ୍ତ ପୂରଣ ହୋଇପାରି ନାହିଁ । ୧୮ଟି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଆଇସିୟୁ ବ୍ୟବସ୍ଥା ନାହିଁ । ଯଦି ଏଭଳି ଅବ୍ୟବସ୍ଥାରେ ରାଜ୍ୟର ସ୍ୱାସ୍ଥ୍ୟବସ୍ଥା ଚାଲିଛି ତେବେ ଲୋକମାନେ କିପରି ଏହି ଯୋଜନାର ଲାଭ ଉଠାଇବେ ତାହା ରାଜ୍ୟସରକାର ସ୍ପଷ୍ଟ କରନ୍ତୁ ବୋଲି ଶ୍ରୀ ମହାପାତ୍ର ପ୍ରଶ୍ନ କରିଛନ୍ତି ।

ସେହିପରି ରାଜ୍ୟସରକାର ବିଜ୍ଞାପନରେ ଦେଇଥିବା ଟୋଲ୍ ଫ୍ରି ନମ୍ବର ବି କୌଣସି ପ୍ରକାରର ସଂଯୋଗ ହୋଇପାରୁନାହିଁ । ରାଜ୍ୟର ମେଡିକାଲରେ ଡାକ୍ତର ନାହାଁନ୍ତି, ଆଇସିୟୁ ସୁବିଧା ନାହିଁ, ମାଗଣାରେ ଔଷଧ ମିଳୁନି, ନିଦାନ ଯୋଜନା ବି ଫେଲ୍ ମାରିଛି । ତେବେ ରାଜ୍ୟସରକାର କେମିତି ସମସ୍ତ ପରିବାରକୁ ସ୍ୱାସ୍ଥ୍ୟ ସୁବିଧା ଯୋଗାଇବେ ? ମିଥ୍ୟା ତଥ୍ୟର ସୌଦାଗର ବିଜେଡି ସରକାରର ମୁଖା ଖୋଲିଯାଇଛି । ଏହାକୁ ବିରୋଧ କରି ଆଗାମୀ ଦିନରେ ରାଜ୍ୟ ବିଜେପି ଆଇନର ଆଶ୍ରୟ ନେଇ ଅଦାଲତରେ ତଥ୍ୟ ରଖି ରାଜ୍ୟସରକାରଙ୍କୁ କାଠ ଗଡାରେ ଛିଡା କରିବା ସହ ମିଥ୍ୟା ତଥ୍ୟର ପର୍ଦ୍ଦାଫାଶ କରିବ ବୋଲି ଶ୍ରୀ ମହାପାତ୍ର କହିଛନ୍ତି ।

ଏହି ସାମ୍ବାଦିକ ସମ୍ମିଳନୀରେ ରାଜ୍ୟ ଉପସଭାନେତ୍ରୀ ଶ୍ରୀମତୀ ସୁକେଶୀ ଓରାମ ଉପସ୍ଥିତ ଥିଲେ ।

**(ବିଜେପି ମିଡିଆ ସେଲ୍)**